Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 224
Monday, 20 October 2025
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୨୦ ଅକ୍ଟୋବର, ୨୦୨୫
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



# ୪୭୧ଟି ଗ୍ରାମ ପଂଚାୟତ କାର୍ଯ୍ୟାଳୟର ଭୂମି ପୂଜନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯/୧୦ (ଆ.ପ୍ର) : ଗ୍ରାମାଂଚଳରେ ସୁଶାସନକୁ ଆହୁରି ଦକ୍ଷ ଓ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ ଆଭାସୀ ମାଧ୍ୟମରେ ରାଜ୍ୟରେ ୪୭୧ଟି ଗ୍ରାମପଂଚାୟତ କାର୍ଯ୍ୟାଳୟର ଭୂମି ପୂଜନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ବଂଟନ କରିଛନ୍ତି । ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲା ବ୍ୟତୀତ ରାଜ୍ୟର ୨୮ଟି ଜିଲ୍ଲାରେ ୪୭୧ଟି ଗ୍ରାମ ପଂଚାୟତ କାର୍ଯ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରାଯିବା ସହିତ ୪୮,୬୯୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗରିବ ଲୋକଙ୍କ ବାସଗୃହ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୩୦ ତାରିଖରେ ଆମ ସରକାର ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଥିଲେ । ଏହି ଯୋଜନାରେ ୨୦୨୪-୨୫ରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ୭,୫୫୦ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି । ଏଥିରେ ୫ ଲକ୍ଷ ଘର ନିର୍ମାଣ କରାଯିବ । ନୂଆପଡ଼ା, କଳାହାଣ୍ଡି ଜିଲ୍ଲାକୁ ଛାଡ଼ି ବାକି ୨୮ ଟି ଜିଲ୍ଲାର ୪୮ ହଜାର ୬୯୩ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ ହଜାର ଟଙ୍କା ବଂଟନ କରାଯାଇଛି । ହିତାଧିକାରୀମାନଙ୍କୁ ଦ୍ୱିତୀୟ କିସ୍ତିରେ ୬୫ ହଜାର ଏବଂ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେଉଁ ହିତାଧିକାରୀମାନେ ୪ ମାସ ମଧ୍ୟରେ ଘର ଶେଷ କରିବେ, ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ଯେଉଁମାନେ ୬ ମାସରେ ଘର ଶେଷ କରିବେ, ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯିବ । ସମସ୍ତ ହିତାଧିକାରୀଙ୍କୁ ଓଡ଼ିଶା ବା ସମନ୍ୱିତ କାର୍ଯ୍ୟ ଯୋଜନା ଜିଲ୍ଲାରେ ମନରେଗା କାର୍ଯ୍ୟକ୍ରମରେ ୯୫ ଦିନର ମଜୁରୀ ଏବଂ ଅଣ-ଓଇଚ ଜିଲ୍ଲାରେ ୯୦ ଦିନର ମଜୁରୀ ମଧ୍ୟ ଦିଆଯାଉଛି । ଏହାସହିତ ହିତାଧିକାରୀଙ୍କୁ ଶୌଚାଳୟ, ପାଇପ ପାଣି ଆଦି ଅନ୍ୟାନ୍ୟ ମୌଳିକ ସୁବିଧା ମଧ୍ୟ ଦିଆଯାଉଛି । ଏହି ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବ, ଅନଗ୍ରସର ତଥା ଅସହାୟ ପରିବାର ମାନଙ୍କ ପାଇଁ ଏକ ସୁରକ୍ଷିତ ଓ ସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ କରିବାରେ ସହାୟକ ହେବ । ଏହାଦ୍ୱାରା ଗରିବ ଓ ଅସହାୟ ହେଲେ ମଧ୍ୟ, ପ୍ରତ୍ୟେକ ନାଗରିକ ଏକ ସର୍ବନିମ୍ନ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିପାରିବେ । ଶାସନ ନୁହେଁ, ସେବା ହିଁ ଆମ ସରକାରଙ୍କର ମୂଳମନ୍ତ୍ର । ଏହି ଉକ୍ତିକୁ ଯଥାର୍ଥ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦିଗ୍‌ଦର୍ଶନରେ ଆମେ ଗ୍ରାମ ପଂଚାୟତ ଗୁଡ଼ିକୁ ଜନକଲ୍ୟାଣର ଓ ଲୋକସେବାର କେନ୍ଦ୍ର ଭାବେ ବିକଶିତ କରୁଛୁ । ପ୍ରତ୍ୟେକ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗୀତାରେ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ଏହି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଗୁଡ଼ିକରେ ସରପଂଚ, ପଂଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର, ଜୁନିଅର ଇଞ୍ଜିନିଅର, ଗ୍ରାମ ରୋଜଗାର ସେବକ ଓ ଏକାଉଂଟେଂଟ କମ୍ ଡାଟା ଏଂଟ୍ରି ଅପରେଟର ମାନଙ୍କ ପାଇଁ ସ୍ୱତନ୍ତ୍ର ରୁମ୍ ରହିବ । ଅର୍ଥାତ୍, ପଂଚାୟତର ସମସ୍ତ ସେବା ଗୋଟିଏ ଜାଗାରେ ହିଁ ମିଳିବ । ଏହି କାର୍ଯ୍ୟାଳୟ ଗୁଡ଼ିକ One Stop Service Centreହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।



ଆଲୋକର ପର୍ବ ଦୀପାବଳି ସମସ୍ତଙ୍କ ଜୀବନକୁ ଆଲୋକିତ କରୁ । ଏହାହିଁ ଆମର କାମନା : ସଂପାଦକ



**ଛୁଟି ଘୋଷଣା**

ପବିତ୍ର ଦୀପାବଳି ଉତ୍ସବ ପାଇଁ ଆସନ୍ତା ୨୦-୧୦-୨୫ ତାରିଖ ପ୍ରେସ ଓ 'ସେଇଠୁ ଆରମ୍ଭ' କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ୨୨-୧୦-୨୫ ତାରିଖ ସକାଳେ ପ୍ରକାଶ ପାଇବ : ପ୍ରକାଶକ

# ଅଯୋଧାରେ ଭବ୍ୟ ଦୀପୋତ୍ସବ, ୨୬ ଲକ୍ଷ ଦୀପ ଜାଳି ବିଶ୍ୱରେକର୍ଡ



ଲକ୍ଷ୍ନୌ, ୧୯/୧୦(ନ୍ୟୁ.ଏ): ରାମ ନଗରୀ ଅଯୋଧାରେ ପାଳନ କରାଯାଉଛି ନବମ ଦୀପୋତ୍ସବ । ସରୟୁ ନଦୀ କୂଳରେ ଥିବା ୫୬ଟି ଘାଟରେ ୨୮ ଲକ୍ଷରୁ ଅଧିକ ଦୀପ ଜଳାଇଥିଲେ, ଯେଉଁଥିରେ 'ରାମ କି ପୈଡ଼ି' ମଧ୍ୟ ସାମିଲ ଥିଲା । ୨୬.୧୧ ଲକ୍ଷ ଦୀପ ଜଳାଇ ବିଶ୍ୱ ରେକର୍ଡ କରାଯାଇଛି । ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଟିମ୍ ଏହି ସମୟରେ ଅଯୋଧାରେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିଜେ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ଥିଲେ । ଏହା ପୂର୍ବରୁ ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଯୋଧାରେ ପହଂଚିଥିଲେ । ସେ ରାମକଥା ପାର୍କରେ ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ପ୍ରତିମାକୁ ସ୍ୱାଗତ କରିଥିଲେ ।ଏଠାରେ ରାମ ଏବଂ ଜାନକୀଙ୍କ ପୂଜା ସହିତ ଭରତ ମିଳାପ ମଧ୍ୟ ଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାମ କଥା ପାର୍କର ମଂଚରେ ଶ୍ରୀ ରାମଙ୍କ ରାଜ୍ୟାଭିଷେକ କରିଥିଲେ । ଶ୍ରୀ ରାମଙ୍କ ରାଜ୍ୟାଭିଷେକ ସମାରୋହ ସମୟରେ ରାମ କଥା ପାର୍କ ଜୟ ଶ୍ରୀ ରାମ ଧ୍ୱନିରେ ଗୁଞ୍ଜରିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ଯୋଗୀ ମଧ୍ୟ ତିଳକ ଲଗାଇ ଶ୍ରୀ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଏବଂ ଗୁରୁ ବଶିଷ୍ଠଙ୍କୁ ମାଲ୍ୟାର୍ପଣ କରିଥିଲେ ଏବଂ ଆରତୀ କରିଥିଲେ । ଏହା ପରେ, ମୁଖ୍ୟମନ୍ତ୍ରୀ ଯୋଗୀ ଶ୍ରୀ ରାମ ଜନ୍ମଭୂମି ମନ୍ଦିରରେ ରାମ ଲଲ୍ଲାଙ୍କୁ ଦର୍ଶନ କରିଥିଲେ, ଦୀପ ଜାଳିଥିଲେ ଏବଂ ତା'ପରେ ସରୟୁ ନଦୀ ମହା ଆରତୀରେ ଅଂଶଗ୍ରହଣ କରିଥିଲେ । ରାମ କି ପୈଡ଼ିରୁ ସରୟୁ ଘାଟ ପର୍ଯ୍ୟନ୍ତ ଏବଂ ରାମ ମନ୍ଦିର ପରିସର ମଧ୍ୟରେ ଲକ୍ଷ ଲକ୍ଷ ଦୀପ ଜାଳି ସମଗ୍ର ରାମନଗରୀକୁ ଆଲୋକିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ୩୩ ହଜାର ସ୍ୱେଚ୍ଛାସେବୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏହି ଲକ୍ଷ ଲକ୍ଷ ଦୀପ ଜାଳିବା କାର୍ଯ୍ୟକୁ ସେ ସଫଳତାର ସହିତ ଶେଷ କରିଥିଲେ ।'ରାମ କି ପୈଡ଼ି'ରେ ଲେଜର ଏବଂ ଲାଇଟ୍ ଶୋ' ଚାଲିଛି । ସରୟୁ ନଦୀ କୂଳରେ ଥିବା ସମସ୍ତ ୫୬ଟି ଘାଟ ଦୀପ ଏବଂ ରଙ୍ଗୀନ ଆଲୋକରେ ଆଲୋକିତ ହୋଇଛି ।

# ଟ୍ରମ୍ପଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଲେ ଲକ୍ଷ ଲକ୍ଷ ଲୋକ




ୱାସିଂଟନ, ୧୯/୧୦ (ଆ.ପ୍ର) : ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରୋଧରେ ଆମେରିକାର ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି । ଯାହା ଆମେରିକାର ଇତିହାସର ସବୁଠାରୁ ବଡ଼ ପ୍ରତିବାଦ । ବିଶେଷକରି ଟ୍ରମ୍ପଙ୍କ ଟ୍ରାନ୍ସଜେଣ୍ଡର ବିରୋଧୀ ବୟାନ ଏବଂ ଅନ୍ୟାନ୍ୟ ବିବାଦୀୟ ନିଷ୍ପତି ବିରୋଧରେ ୭୦ ଲକ୍ଷରୁ ଅଧିକ ଲୋକ ପ୍ରତିବାଦ କରିଛନ୍ତି । ସୂଚନାନୁଯାୟୀ, ଟ୍ରମ୍ପଙ୍କ ବିରୋଧରେ ଲୋକଙ୍କ ମଧ୍ୟରେ ଉତେଜନା ବୃଦ୍ଧି ପାଇଛି । ଏହି ପ୍ରତିବାଦରେ ବିଭିନ୍ନ ସାମାଜିକ, ରାଜନୈତିକ ସାମିଲ ହୋଇଥିବା ଜଣାପଡିଛି । ପ୍ରତିବାଦକାରୀମାନେ ଟ୍ରମ୍ପଙ୍କ ଶାସନକୁ ସମାଲୋଚନା କରିବା ସହିତ 'ଆମକୁ ପରିବର୍ତନ ଦରକାର' ବୋଲି ସ୍ଲୋଗାନ ଦେଇଥିଲେ । ଏହି ପ୍ରତିବାଦ ବର୍ତମାନ ସାରା ଦେଶରେ ବ୍ୟାପକ ବିରୋଧ ସୃଷ୍ଟି କରିଛି । ଏହି ପ୍ରତିବାଦରେ ଗର୍ଭପାତ ଅଧିକାର ଉପରେ କଟକଣା, ଜଳବାୟୁ ପରିବର୍ତନ ପାଇଁ ଲକ୍ଷ୍ୟ ରଖାଯାଇଥିବା ନୀତି ଏବଂ ସାମାଜିକ ଅସମାନତା ବୃଦ୍ଧି ମଧ୍ୟ ସାମିଲ ରହିଛି ।ଟ୍ରମ୍ପଙ୍କ ଶାସନରେ ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକ ଆକ୍ରମଣର ଶିକାର ହେଉଥିବା ପ୍ରତିବାଦକାରୀମାନେ କହିଥିଲେ ଯେ, ପ୍ରଶାସନ ଏହି ପ୍ରତିବାଦଗୁଡ଼ିକୁ "ରାଜନୈତିକ ଷଡ଼ଯନ୍ତ୍ର" ଏବଂ "ସାମାଜିକ ଅଶାନ୍ତି ବିସ୍ତାର କରିବାର ପ୍ରୟାସ" ଭାବରେ ପ୍ରସ୍ତୁତ କରାଯାଇଥିଲା । ଯାହାର ନା "ନୋ କିଙ୍ଗସ୍ ପ୍ରୋଟେଷ୍ଟ" ବୋଲି ନାମ ଦିଆଯାଇଛି । "ଟ୍ରମ୍ପଙ୍କ ଏକଛତ୍ରବାଦ ଆଉ ସହ୍ୟ କରାଯିବ ନାହିଁ" ବୋଲି ମଧ୍ୟ ସ୍ଲୋଗାନ ଉଠିଛି । ଅନ୍ୟପଟେ ଆମେରିକାରେ ଟ୍ରମ୍ପଙ୍କ ବିରୋଧରେ ଅସନ୍ତୋଷ ବୃଦ୍ଧି ପାଉଥିବା ଏହି ଆନ୍ଦୋଳନ ସ୍ପଷ୍ଟ କରିଛି । ଯାହା ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ । ଏହି ପ୍ରତିବାଦ ଭବିଷ୍ୟତରେ ଦେଶରେ ବଡ଼ ରାଜନୈତିକ ପରିବର୍ତନ ଆଣିପାରେ ବୋଲି ଅନୁମାନ କରାଯାଉଛି ।

## ୨୧ ରେ ଲଘୁଚାପ : ବାତ୍ୟା ଆକଳନ ହୋଇନି ସ୍ପଷ୍ଟ

ଭୁବନେଶ୍ୱର, ୧୯/୧୦ (ଆ.ପ୍ର) : ଆସୁଛି ଲଘୁଚାପ । ୨୧ରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ । ବର୍ତମାନ ଦକ୍ଷିଣ ଆଣ୍ଡାମାନ ସାଗର ଓ ସଂଲଗ୍ନ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସକ୍ରିୟ ରହିଛି ଘୂର୍ଣ୍ଣିବଳୟ । ଏହାର ପ୍ରଭାବରେ ସୃଷ୍ଟି ହେବ ଲୋପ୍ରେସର । ଏହା କ୍ରମଶଃ ପଶ୍ଚିମ-ଉତରପଶ୍ଚିମ ଦିଗରେ ଗତି କରିବ । ଅଧିକ ଘନୀଭୂତ ହୋଇ ପରବର୍ତୀ ୪୮ ଘଂଟାରେ ଅବପାତରେ ପରିଣତ ହେବ । କେନ୍ଦ୍ରୀୟ ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣବଙ୍ଗୋପସାଗରର ଉପରେ ଏହା ଡିପ୍ରେସନର ରୂପ ନେବ ବୋଲି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ । ଲଘୁଚାପରେ ପରିଣତ ହେବା ପରେ ଏହା ବାତ୍ୟାର ରୂପ ନେବ କି ନାହିଁ ତାହା ଆକଳନ କରାଯାଇପାରିବ ବୋଲି କୁହାଯାଇଛି । ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ତିନିଦିନ ଯାଏ ରାଜ୍ୟରେ ବର୍ଷାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଆଗାମୀ ୨୪ ଘଂଟାରେ ବିଜୁଳି ଘଡ଼ଘଡ଼ି ସହ ଘଂଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ପାଇଁ ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣ ଜାରି କରାଯାଇଛି । ଆସନ୍ତାକାଲି ୧୪ ଜିଲ୍ଲା ଓ ୨୧ ତାରିଖରେ ୩ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି । ଅକ୍ଟୋବର ମାସରେ ଲଘୁଚାପ ଆସୁଥିବାରୁ ଲୋକଙ୍କ ମଧ୍ୟରେପଶିଛି ଛନକା ।

## କର୍ଣ୍ଣାଟକରେ ଆରଏସଏସ ପଦଯାତ୍ରାକୁ ମିଳିଲା ଅନୁମତି

ନୂଆଦିଲ୍ଲୀ, ୧୯/୧୦(ନ୍ୟୁ.ଏ): କର୍ଣ୍ଣାଟକରେ ଆରଏସଏସର ଏକ କାର୍ଯ୍ୟକ୍ରମକୁ ନେଇ ବିଜେପି ଏବଂ କଂଗ୍ରେସ ମଧ୍ୟରେ ବୟାନବାଜି ଦେଖିବାକୁ ମିଳିଛି । ମନ୍ତ୍ରୀ ପ୍ରିୟାଙ୍କ ଖଡ଼ଗେଙ୍କ ନିର୍ବାଚନମଣ୍ଡଳୀ ଚିତପୁରରେ, ଶାନ୍ତି ଏବଂ ଆଇନ ଶୃଙ୍ଖଳା ଭଙ୍ଗ ହେବାର ସମ୍ଭାବନା ଦର୍ଶାଇ କର୍ତୃପକ୍ଷ ରବିବାର ଦିନ ଆରଏସଏସର ପଦଯାତ୍ରା ପାଇଁ ଅନୁମତି ଦେବାକୁ ମନା କରି ଦେଇଥିଲେ । ତଥାପି, କୋର୍ଟ ଆରଏସଏସକୁ ଅନୁମତି ପ୍ରଦାନ କରିଛନ୍ତି । ଆଜି ଆରଏସଏସ ପଦଯାତ୍ରା ପାଇଁ ଅନୁମତି ପ୍ରତ୍ୟାଖ୍ୟାନ କରାଯିବା ପରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ଆରଏସଏସ କଲବୁର୍ଗୀ ସଂଯୋଜକ ଅଶୋକ ପାଟିଲଙ୍କ ଦ୍ୱାରା ଦାଖଲ ଏକ ଆବେଦନର ଶୁଣାଣି କରିଥିଲେ, ଯିଏ ରବିବାର ଚିତପୁରରେ ମାର୍ଚ୍ଚ ପାଇଁ ଅନୁମତି ଦେବାରେ କର୍ତୃପକ୍ଷଙ୍କ ନିଷ୍କ୍ରିୟତାକୁ ଚ୍ୟାଲେଞ୍ଜ କରିଥିଲେ । ମାମଲାର ଶୁଣାଣି ସମୟରେ, ଜଷ୍ଟିସ୍ ଏମଜିଏସ କମଲ କର୍ଣ୍ଣାଟକ ସରକାରଙ୍କୁ ଝଟକା ଦେଇ ନଭେମ୍ବର ୨ ତାରିଖରେ ଚିତପୁରରେ ଆରଏସଏସର ପଦଯାତ୍ରା କରିବା ପାଇଁ ଅନୁମତି ପ୍ରଦାନ କରିଛନ୍ତି । କୋର୍ଟ କହିଛନ୍ତି ଯେ ସମସ୍ତଙ୍କ ଭାବନାକୁ ସମ୍ମାନ ଦିଆଯିବା ଆବଶ୍ୟକ ।

## ବ୍ରାଜିଲରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୧୭ ମୃତ

ବ୍ରାଜିଲ, ୧୯/୧୦(ନ୍ୟୁ.ଏ): ବ୍ରାଜିଲରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଉତର-ପୂର୍ବ ବ୍ରାଜିଲର ପର୍ନାମ୍ବୁକୋ ରାଜ୍ୟରେ ଏକ ବସ୍ ଦୁର୍ଘଟଣାରେ ୧୭ ଜଣଙ୍କର ମୃତ୍ୟୁ ହୋଇଛି । ବ୍ରାଜିଲର ଫେଡେରାଲ୍ ହାଇୱେ ପୋଲିସର ସୂଚନା ଅନୁଯାୟୀ, ବସ୍ ଡ୍ରାଇଭର ହଠାତ୍ ନିୟନ୍ତ୍ରଣ ହରାଇ ବସିଥିଲେ । ପୋଲିସ କହିଛି ଯେ ବସଟି ବିପରୀତ ଲେନକୁ ପାର ହୋଇ ରାସ୍ତା କଡ଼ରେ ଥିବା ପଥରରେ ପିଟି ହୋଇଗଲା । ଏହାପରେ ଏକ ବାଲିବନ୍ଧରେ ପିଟି ହୋଇ ଓଲଟି ପଡ଼ିଲା । ଫେଡେରାଲ୍ ହାଇୱେ ପୋଲିସ କହିଛି ଯେ ଦୁର୍ଘଟଣାର କାରଣ ତଦନ୍ତ କରାଯାଉଛି । ଏଥିସହ କୁହାଯାଇଛି ଯେ, ବସଟି ୩୦ ଜଣ ଯାତ୍ରୀଙ୍କୁ ନେଉଯାଉଥିଲା ଏବଂ ସେମାନଙ୍କ ମଧ୍ୟରୁ ଅଧା ଲୋକଙ୍କ ମୃତ୍ୟୁ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇଛି । ହେଲେ, ମୋଟ ଆହତଙ୍କ ସଂଖ୍ୟା ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ । ପୋଲିସ କହିଛି ଯେ ବସ୍ ଡ୍ରାଇଭରଙ୍କୁ ସାମାନ୍ୟ ଆଘାତ ଲାଗିଛି । ତାଙ୍କର ଶ୍ୱାସକ୍ରିୟା ପରୀକ୍ଷା କରାଯାଇଥିଲା, ଯାହା ସ୍ୱାଭାବିକ ହୋଇଥିଲା ।

DADLS-58







ପବିତ୍ର ଦୀପାବଳି-୨୦୨୫ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଂଶ ଓ ଅଙ୍ଗ । ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର ।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ହରି ବାବୁ କମ୍ଭମ୍‌ପାଟି)

OIPR - 15001/13/1235/2526

DADLS-58





ପବିତ୍ର ଦୀପାବଳି ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଦୀପାବଳି

ଆଲୋକର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଆଲୋକର ଉପସ୍ଥିତି ଅନ୍ଧକାରକୁ ଅପସାରିତ କରିଥାଏ । ଜ୍ଞାନର ଆଲୋକ ମନୁଷ୍ୟକୁ ଅଜ୍ଞାନର ଅନ୍ଧକାର ଭିତରୁ ଉଦ୍ଧାର କରିଥାଏ । ଜ୍ଞାନାଲୋକ ହିଁ ସତ୍ୟ, ଧର୍ମ, ନ୍ୟାୟ ଓ ସମୃଦ୍ଧିର ପ୍ରତୀକ ।

ପବିତ୍ର ଦୀପାବଳି ସମସ୍ତଙ୍କ ଜୀବନରେ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR - 15001/13/1239/2526

